# रक्तदान शिविर का आयोजन एनआईसी, ओडिशा राज्य केंद्र में किया गया।

डॉ. एन. सेशागिरी की जयंती के अवसर पर, एनआईसी कर्मचारी मनोरंजन एवं खेल संघ (NEARS), ओडिशा ने रेड क्रॉस, भुवनेश्वर के सहयोग से 15 मई 2025 को सुबह 10:00 बजे से एनआईसी, ओडिशा राज्य केंद्र में रक्तदान शिविर का आयोजन किया।

मुख्य कार्यक्रम से पूर्व, 14 मई 2025 को सेशागिरी मेमोरियल हॉल में एक रक्तदान जागरूकता कार्यक्रम आयोजित किया गया, जिसका उद्देश्य प्रतिभागियों को स्वैच्छिक रक्तदान के महत्व के प्रति जागरूक करना और प्रोत्साहित करना था। सभी सदस्यों और एनआईसी कर्मियों से इस पुनीत पहल में सक्रिय रूप से भाग लेकर रक्तदान करने और जीवन बचाने की अपील की गई थी।

रक्तदान शिविर के उपरांत डॉ. अग्रवाल्स आई हॉस्पिटल के सहयोग से एक नेत्र जांच शिविर का भी आयोजन किया गया, जिसमें उपस्थित लोगों को महत्वपूर्ण स्वास्थ्य सेवाएँ प्रदान की गईं।इस कार्यक्रम को सकारात्मक प्रतिक्रिया मिली और कई स्वयंसेवकों ने आगे बढ़कर रक्तदान किया। दाताओं के इस उदार योगदान की सराहना करते हुए उन्हें प्रमाणपत्र और पुरस्कार वितरित किए गए। यह कार्यक्रम सेवा और करुणा की सामूहिक भावना को उजागर करने में सफल रहा, जो एनआईसी समुदाय की पहचान है।

## संक्षिप्त समाचार अंश

## ଏନ୍‌ଆଇସି ପକ୍ଷରୁ ରକ୍ତଦାନ ଶିବିର




ଭୁବନେଶ୍ୱର,୧୫।୫(ବ୍ୟୁରୋ): ଏନଆଇସିର ସଂସ୍ଥାପକ ତଥା ପ୍ରଥମ ମହାନିର୍ଦ୍ଦେଶକ ପଦ୍ମଭୂଷଣ ଡା.ଏନ ଶେଷାଗିରିଙ୍କ ଜନ୍ମଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଏହାର ରାଜ୍ୟ ମୁଖ୍ୟାଳୟରେ ଏକ ରକ୍ତଦାନ ଶିବିର ହୋଇଛି। ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଗତକାଲି ରକ୍ତଦାନ ସମ୍ପର୍କରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ଭୁବନେଶ୍ୱରସ୍ଥିତ ରେଡକ୍ରସର ଆଞ୍ଚଳିକ ରକ୍ତ କେନ୍ଦ୍ରର ବରିଷ୍ଠ ଚିକିତ୍ସା ଅଧିକାରୀ ଡା.ଦେବୀ ପ୍ରସାଦ ରଥ, ପରାମର୍ଶଦାତା ଗୁଲସନ କୁମାର ଦାଶ ରକ୍ତଦାନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏନ୍‌ଆଇସି ଓଡ଼ିଶାର ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡ.ଅଶୋକ କୁମାର ହୋତା ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଡା.ଅଗ୍ରୱାଲ ଚକ୍ଷୁ ହସ୍ପିଟାଲ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ହୋଇଥିଲା।

ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୦
୧୬ ମଇ, ୨୦୨୫ ଶୁକ୍ରବାର
କେନ୍ଦ୍ରାପଡ଼ା

ଓଡ଼ିଶା ଏକ୍ସପ୍ରେସ୍
ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 10
16th May, 2025 Friday
Kendrapara

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

ନୀତି ବାଣୀ

# ଏନଆଇସିର ରକ୍ତଦାନ ଶିବିର




**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଏନ.ଆଇ.ସି.ର ସଂସ୍ଥାପକ ତଥା ପ୍ରଥମ ମହାନିର୍ଦ୍ଦେଶକ ପଦ୍ମଭୂଷଣ ଡାଃ ଏନ ଶେଷାଗିରୀଙ୍କ ଜନ୍ମଦିବସ ଅବସରରେ ଏହାର ଭୁବନେଶ୍ୱର ସ୍ଥିତ ରାଜ୍ୟ ମୁଖ୍ୟାଳୟରେ ଆଜି ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏହି ଶିବିରଟି ଭୁବନେଶ୍ୱର ସ୍ଥିତ ରେଡ କ୍ରସର ଆଞ୍ଚଳିକ ରକ୍ତ କେନ୍ଦ୍ରର ଡାକ୍ତର ଏବଂ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଛି।

ଆଜି ପୂର୍ବାହ୍ନରେ ଡାଃ ଶେଷାଗିରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ରକ୍ତଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏନ.ଆଇ.ସି., ଓଡିଶାର ସମସ୍ତ ଅଧିକାରୀ ତଥା କର୍ମଚାରୀ ଉତ୍ସାହପୂର୍ବକ ବହୁସଂଖ୍ୟାରେ ଏଥିରେ ଯୋଗ ଦେଇଥିଲେ ଏବଂ ରକ୍ତଦାନ କରିଥିଲେ। ଆଜିର ରକ୍ତଦାନ ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

ଏହାର ଅବ୍ୟବହିତ ପୂର୍ବରୁ ଗତକାଲି ରକ୍ତଦାନର ସଚେତନତା ଉପରେ ଏକ ଆଲୋଚନା ସଭା ଡାଃ ଶେଷାଗିରୀ ମେମୋରିଆଲ ହଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ସ୍ଥିତ ରେଡ କ୍ରସର ଆଞ୍ଚଳିକ ରକ୍ତ କେନ୍ଦ୍ରର ବରିଷ୍ଠ ଚିକିତ୍ସା ଅଧିକାରୀ ଡାଃ ଦେବୀ ପ୍ରସାଦ ରଥ ତଥା ରକ୍ତଦାନ ପରାମର୍ଶଦାତା ଗୁଲସନ କୁମାର ଦାଶ ରକ୍ତଦାନର ବିଭିନ୍ନ ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏନ.ଆଇ.ସି., ଓଡିଶାର ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡାଃ ଅଶୋକ କୁମାର ହୋତା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଏହି ପୂଣ୍ୟ କାର୍ଯ୍ୟରେ ସହଯୋଗ କରିବା ଏବଂ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଡାଃ ଅଗ୍ରୱାଲ ଚକ୍ଷୁ ହସ୍ପିଟାଲ ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଅପରାହ୍ନରେ ଏନ.ଆଇ.ସି., ଓଡିଶାର ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡାଃ ଅଶୋକ କୁମାର ହୋତା ରକ୍ତଦାତା ମାନଙ୍କୁ ମାନପତ୍ର ତଥା ଉପହାର ପ୍ରଦାନ ସହିତ ସମ୍ମାନିତ କରିଥିଲେ।

NITIDIN
ନିତିଦିନ
BHUBANESWAR - 16 May 2025 - Page 4

# ଏନ୍‌ଆଇସିରେ ରକ୍ତଦାନ ଶିବିର




**ଭୁବନେଶ୍ୱର, ୧୫।୫/ଏନ୍‌ଏନ୍‌ଏସ୍:** ଏନ୍‌ଆଇସିର ସଂସ୍ଥାପକ ତଥା ପ୍ରଥମ ମହାନିର୍ଦ୍ଦେଶକ ପଦ୍ମଭୂଷଣ ଡାଃ ଏନ ଶେଷାଗିରୀଙ୍କ ଜନ୍ମଦିବସ ଅବସରରେ ଏହାର ଭୁବନେଶ୍ୱର ସ୍ଥିତ ରାଜ୍ୟ ମୁଖ୍ୟାଳୟରେ ଆଜି ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଭୁବନେଶ୍ୱର ସ୍ଥିତ ରେଡ୍‌କ୍ରସର ଆଞ୍ଚଳିକ ରକ୍ତ କେନ୍ଦ୍ରର ଡାକ୍ତର ଏବଂ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଏନ୍‌ଆଇସି, ଓଡ଼ିଶାର ସମସ୍ତ ଅଧିକାରୀ ତଥା କର୍ମଚାର ରକ୍ତଦାନ କରିଥିଲେ । ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ଏହାର ଅବ୍ୟବହିତ ପୂର୍ବରୁ ଗତକାଲି ରକ୍ତଦାନର ସଚେତନତା ଉପରେ ଏକ ଆଲୋଚନା ସଭା ଡାଃ ଶେଷାଗିରୀ ମେମୋରିଆଲ ହଲରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଭୁବନେଶ୍ୱର ସ୍ଥିତ ରେଡକ୍ରସର ଆଞ୍ଚଳିକ ରକ୍ତ କେନ୍ଦ୍ରର ବରିଷ୍ଠ ଚିକିତ୍ସା ଅଧିକାରୀ ଡାଃ ଦେବୀପ୍ରସାଦ ରଥ ଓ ରକ୍ତଦାନ ପରାମର୍ଶଦାତା ଗୁଲସନ କୁମାର ଦାଶ ରକ୍ତଦାନର ବିଭିନ୍ନ ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏନଆଇସି, ଓଡ଼ିଶାର ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡାଃ ଅଶୋକ କୁମାର ହୋତା କାର୍ଯାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ  ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ । ଏହି ପରିପ୍ରେକ୍ଷୀରେ ଡାଃ ଅଗ୍ରୱାଲ ଚକ୍ଷୁ ହସ୍ପିଟାଲ ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ମଧ୍ୟ ଆୟୋଜିତ ହୋଇଥିଲା ।

tathya
INFORMING PEOPLE





# Blood Donation Camp In NIC

By Tathya Correspondent - May 16, 2025

**https://tathya.in/blood-donation-camp-in-nic/**